# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12th August – 2025**

**News Editor : Itishree Singh Rathaur**

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ଦୁଇଟି ସେମି କଣ୍ଡକ୍ଟର ପ୍ରସ୍ତୁତି କାରଖାନା ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

— ସରକାରଙ୍କର ଏହି ନିଷ୍ପତ୍ତି ରାଜ୍ୟରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ କହିଲେ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

- ଓଡ଼ିଶା ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟା ଅନୁସନ୍ଧାନ ଓ ନବସୃଜନ କରିଡରର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଏବଂ

- ଅନ୍ତର୍ଜାତୀୟ ଯୁବଦିବସ ଅବସରରେ ରାଜ୍ୟରେ ଆରମ୍ଭ ହେଲା ଏଡ୍‌ସ୍ ନିରାକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ

# ସେମି କଣ୍ଡକ୍ଟର

ଓଡ଼ିଶା ସମେତ ଦେଶର ୪ଟି ସ୍ଥାନରେ ସେମି କଣ୍ଡକ୍ଟର ପ୍ରସ୍ତୁତି କାରଖାନା ପ୍ରତିଷ୍ଠା ପାଇଁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଓଡ଼ିଶାର ଭୁବନେଶ୍ୱରରେ ୨ଟି ଏବଂ ପଞ୍ଜାବ ଓ ଆନ୍ଧ୍ରପ୍ରଦେଶରେ ୨ଟି ସେମି କଣ୍ଡକ୍ଟର ମ୍ୟାନୁଫ୍ୟାକଚରିଂ ୟୁନିଟ ସ୍ଥାପନ କରାଯିବ। ପ୍ରାୟ ୪ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ୟୁନିଟ୍ ଦ୍ୱାରା ୨୦୩୪ ଟି ନିଯୁକ୍ତି ସୃଷ୍ଟି ହେବ। ଏହାଦ୍ୱାରା ଦେଶରେ ବହୁମାତ୍ରାରେ ପରୋକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ। ଆଜିର ଏହି ନୂଆ ୪ଟି ୟୁନିଟ୍‌କୁ ମିଶାଇ ଦେଶରେ ମୋଟ ୧୦ଟି ସେମି କଣ୍ଡକ୍ଟର ମ୍ୟାନୁଫ୍ୟାକ୍‌ଚରିଂ ୟୁନିଟ୍ ପ୍ରତିଷ୍ଠାକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇସାରିଛନ୍ତି। ଏହିସବୁ ୟୁନିଟ୍ ପାଇଁ ପ୍ରାୟ ୧ ଲକ୍ଷ ୬୦ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ସେମି କଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ଦ୍ୱାରା ଓଡ଼ିଶାର ପ୍ରଗତି ହେବା ସହ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ବିକାଶର ସ୍ୱପ୍ନ ସାକାର ହୋଇପାରିବ। ଏହା ସହ ରାଜ୍ୟରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**- V/O -(ଅଶ୍ୱିନୀ ବୈଷ୍ଣବ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଓମ୍‌ବ୍ରିକ୍

ଓଡ଼ିଶା ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟା ଅନୁସନ୍ଧାନ ଏବଂ ନବସୃଜନ କରିଡର-ଓମ୍‌ବ୍ରିକ୍‌କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓମ୍‌ବ୍ରିକ୍ କେବଳ ଓଡ଼ିଶା ପାଇଁ ନୁହେଁ; ସମଗ୍ର ଦେଶ ତଥା ବିଶ୍ୱର ବୈଜ୍ଞାନିକ ସମୁଦାୟ ଏବଂ ନବସୃଜନ ପାଇଁ ଆଶାର ଆଲୋକ ହେବ। ଏହା ଆମ ନୀଳ ଅର୍ଥନୀତି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ଦେଶର ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ପାରିବ। ଏହି ପଦକ୍ଷେପ ଦ୍ୱାରା ପରିବେଶ ସୁରକ୍ଷା, ବିଜ୍ଞାନ ଆଧାରିତ ପର୍ଯ୍ୟଟନ, ନିବେଶ ଓ ନିଯୁକ୍ତି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ସ୍ଥାନୀୟ ଜନସାଧାରଣଙ୍କ ଜୀବିକା ଅର୍ଜନ କ୍ଷେତ୍ରରେ ବ୍ୟାପକ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଲୋକସେବା ଭବନରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଗବେଷଣା ଓ ବିକାଶ ସହଯୋଗ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶାର ୬ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟ ଗବେଷଣା ଓ ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

## ପ୍ରଭାତୀ ପରିଡା-ସୁବର୍ଣ୍ଣପୁର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା **ସୁବର୍ଣ୍ଣପୁର** ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସର୍କିଟ୍ ହାଉସ୍ ସମ୍ମିଳନୀ

କକ୍ଷରେ ଜିଲ୍ଲାସ୍ତରୀୟ ଉନ୍ନୟନ, ବିଭିନ୍ନ ପର୍ଯ୍ୟଟନସ୍ଥଳିର ବିକାଶ ସହ ସୁଭଦ୍ରା, ମମତା, ପୋଷଣ, ଲକ୍ଷପତି ଦିଦି ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ପରି ଲୋକାଭିମୁଖୀ ଯୋଜନାର ସ୍ଥିତି ଓ ଗତି ସମ୍ପର୍କରେ ମହିଳା ଓ ଶିଶୁବିକାଶ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପାତାଳି ଶ୍ରୀକ୍ଷେତ୍ର, ସୁରେଶ୍ୱରୀ ମନ୍ଦିର ଓ ରାମେଶ୍ୱର ମନ୍ଦିର ପରିଦର୍ଶନ କରି ଧର୍ମୀୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଉପରେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ।

## ବସୁନ୍ଧରା

ସମ୍ବଲପୁର ରେଢ଼ାଖୋଲ କଦମ ପଡିଆରେ ବସୁନ୍ଧରା ଯୋଜନାର ହିତାଧିକାରୀଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପଟ୍ଟା ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ରେଢ଼ାଖୋଲ୍‌ର ୫୩୮ ଓ ନାକ୍‌ଟିଦେଉଳର ୧୮୯ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି।

# ତ୍ରିରଙ୍ଗା ଅଭିଯାନ

ସ୍ୱାଧୀନତା ଦିବସ ପୂର୍ବରୁ ହର ଘର ତିରଙ୍ଗା ଅଭିଯାନ ଅଗଷ୍ଟ କ୍ରାନ୍ତି ଦିବସରୁ ଆରମ୍ଭ ହୋଇଛି। ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟ ପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

**ଗଜପତି** ଜିଲ୍ଲା ରାୟଗଡ ବ୍ଲକର ମିଶନଶକ୍ତି ସିଲେଇ ଓ ତାଲିମ କେନ୍ଦ୍ରକୁ ୪୩ ହଜାରରୁ ଅଧିକ ତ୍ରିରଙ୍ଗା ପତାକା ପ୍ରସ୍ତୁତି ନିମନ୍ତେ ଦାୟିତ୍ୱ ଦିଆଯାଇଛି । ସିଲେଇ ୟୁନିଟ୍‌ରେ ୧୪ଟି ସ୍ୱୟଂସହାୟକ ଗୋଷ୍ଠୀର ୨୦ଜଣ ମହିଳା ଏଥିରେ ନିୟୋଜିତ ଥିବା ଜଣାପଡିଛି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ତ୍ରିରଙ୍ଗା ପ୍ରସ୍ତୁତି କରିବା କେବଳ ଏକ ଦାୟିତ୍ୱ ନୁହେଁ; ବରଂ ଜାତୀୟ ଭାବନାର ପ୍ରତୀକ ସାଜିଛି । ଏ ସମ୍ପର୍କରେ ଜାତୀୟ ପତାକା ପ୍ରସ୍ତୁତ କରୁଥିବା ଜଣେ **ଏସ୍‌ଏଚଜି ସଦସ୍ୟା** କହନ୍ତି......

# - V/O -

ସ୍ୱାଧୀନତା ଦିବସ ଉପଲକ୍ଷେ ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତ୍ରିରଙ୍ଗା ରଙ୍ଗୋଲି ପ୍ରତିଯୋଗିତା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

**ଭଦ୍ରକ** ସହରର କୁଆଁଶଠାରେ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରାରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ ।

ଆକାଶବାଣୀ, କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆଁ

## ହର ଘର ତ୍ରିରଙ୍ଗା

**କଳାହାଣ୍ଡି**ସ୍ଥିତ ୬୪ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ ପକ୍ଷରୁ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ

ହୋଇଛି। କମାଣ୍ଡାଣ୍ଟ ଅଜୟ କୁମାରଙ୍କ ନେତୃତ୍ୱରେ ଭବାନୀପାଟଣା ନିକଟ ଅଟାଙ୍ଗଗୁଡ଼ାସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ କ୍ୟାମ୍ପରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

# ଅନ୍ତର୍ଜାତୀୟ ଯୁବଦିବସ

ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ମିଳିତ ଜାତିସଂଘର ସାଧାରଣ ପରିଷଦର ନିଷ୍ପତ୍ତିକ୍ରମେ ୨୦୦୦ ମସିହାରୁ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ଯୁବଦିବସ ଭାବେ ପାଳନ କରାଯାଇଆସୁଛି। ଦେଶର ପ୍ରଗତି ତଥା ବିକାଶର କର୍ଣ୍ଣଧାର, ଶକ୍ତି, ସୃଜନଶୀଳତା ଓ କଠିନ ପରିଶ୍ରମର ପ୍ରତୀକ ସମସ୍ତ ଯୁବପିଢ଼ିଙ୍କ ପାରଦର୍ଶିତା ଲୋକଲୋଚନକୁ ଆଣିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

## ମୁକେଶ ମହାଲିଙ୍ଗ-ଯୁବଦିବସ

ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସଶକ୍ତୀକରଣକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ପ୍ରେକ୍ଷାଳୟରେ ଆଜି ଏଡ୍‌ସ୍ ଓ ଯୌନସଂକ୍ରମଣ ନିରାକରଣ ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରି ଶ୍ରୀ ମହାଲିଙ୍ଗ କହିଛନ୍ତି, ସୁସ୍ଥ ଓ  ସମୃଦ୍ଧ ଓଡ଼ିଶା ସହ ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ଏହି ଅଭିଯାନ ନିଶ୍ଚିତ ଭାବେ ସହାୟକ ହେବ। 'ରୋଗକୁ ଦୂରେଇବା ରୋଗୀଙ୍କୁ ନୁହେଁ' ଆଜିର ଦିନରେ ସଂକଳ୍ପ ନେବା ପାଇଁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଆଜିଠାରୁ ଆରମ୍ଭ ହୋଇଥିବା ଏହି

ରାଜ୍ୟସ୍ତରୀୟ ଅଭିଯାନ ଆସନ୍ତା ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହା ମାଧମରେ ତୃଣମୂଳସ୍ତରରେ ଏଚ୍ଆଇଭି ସମ୍ପର୍କିତ ସଚେତନତା ଆହୁରି ବ୍ୟାପକ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ବିଶ୍ୱ ହାତୀ ଦିବସ

ହାତୀମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବାର୍ତ୍ତା ନେଇ ୨୦୧୧ ମସିହାରୁ ଆଜିର ଦିନକୁ ବିଶ୍ୱ ହାତୀ ଦିବସ ଭାବେ ପାଳନ କରାଯାଉଛି । ୨୦୨୪ ହାତୀ ଗଣନା ରିପୋର୍ଟ ଅନୁସାରେ, ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡ ଡିଭିଜନରେ ହାତୀ ସଂଖ୍ୟା ୨ହଜାର ୧୦୩ ରହିଛନ୍ତି। ବିଶ୍ୱ ହାତୀ ଦିବସ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସମସ୍ତେ ମିଳିମିଶି ହାତୀ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

## କୃମିନାଶକ ଦିବସ

**କେନ୍ଦ୍ରପଡା** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର.ଆୟାର ରାଜନଗର ବ୍ଲକ୍ ଅନ୍ତର୍ଗତ ବଳରାମପୁର ୟୁପି ସ୍କୁଲଠାରେ ବ୍ଲକ୍ସ୍ତରୀୟ କୃମିନାଶକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କୃମିନାଶକ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ୧ ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ, କିଶୋର-କିଶୋରୀ ଏବଂ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ କୃମି ନାଶକ ସିରପ୍ ଓ ବଟିକା ପ୍ରଦାନ କରାଯିବ।

**କୋରାପୁଟ** ସଦର ମହକୁମା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳନ କରାଯାଇଛି। ବିଭାଗ ପକ୍ଷରୁ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କୃମିନାଶକ ବଟିକା ଦିଆଯାଇଛି।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ଜିଲ୍ଲାର ମୋଟ୍ ୬ ଲକ୍ଷ ୮୦ ହଜାର ୪୪୨ ଜଣ ପିଲା ଏବଂ ମହିଳାଙ୍କୁ କୃମିନାଶକ ଔଷଧ ଦିଆଯିବ।

## କୃମିନାଶକ ଦିବସ-୨

**ଦେବଗଡ଼** ରାଜା ବାସୁଦେବ ଉଚ୍ଚବିଦ୍ୟାଳୟଠାରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କୃମି ଔଷଧ ଖାଇବା ପାଇଁ ପରାମର୍ଶ ଦେଇଥିଲେ।